ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ଫୈଷୟିକ ଫିଶ୍ୱଫିଦ୍ୟା□ୟ

ଭୁବନେଶ୍ୱର, ଓଡ଼ିଶା


# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 24-03-2026

କେନ୍ଦ୍ରାପଡା(ଓଡିଶା) - :2026-03-24 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2026-03-25 | 2026-03-26 | 2026-03-27 | 2026-03-28 | 2026-03-29 |
|---|---|---|---|---|---|
| ବର୍ଷା (ମିମି) | 5.0 | 2.0 | 1.0 | 10.0 | 15.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 32.0 | 33.0 | 34.0 | 34.0 | 33.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 19.0 | 20.0 | 20.0 | 20.0 | 19.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 89 | 90 | 88 | 85 | 84 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 49 | 45 | 42 | 42 | 44 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 5 | 10 | 11 | 13 | 11 |
| ପବନର ଦିଗ (ଡିଗ୍ରୀ) | 233 | 234 | 228 | 218 | 235 |
| ମେଘାଚ୍ଛନ (ଅକ୍ଟା) | 4 | 3 | 2 | 5 | 5 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି | | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଅତି ସ୍ୱଳ୍ପ ରୁ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ମୁଖ୍ୟତଃ ପରିଷ୍କାର ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୫ – ୧୩ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୩୨ - ୩୪ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୯ - ୨୦ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

| |
|---|
| ଆଗାମୀ ଶନିବାର ଦିନ ବିଜୁଳି ଓ ଘଡଘଡି ର ସତର୍କତା ଚେତାବନୀ ରହିଛି । |

### ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
|  ଆଗାମୀ ଦିନରେ ବିଜୁଳି ଓ ଘଡଘଡିର ସମ୍ଭାବନା ଥିବାରୁ ବଜ୍ରଧ୍ୱନି ଶୁଣିବା ପରେ , ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ । ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନିଅନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ । |

### ସାଧାରଣ ଉପଦେଶ:

| |
|---|
|  ଅମଳ ଉପଯୋଗୀ ପନିପରିବା କୁ ଶୀଘ୍ର ଅମଳ କରି ନିଅନ୍ତୁ । ଅମଳ ହୋଇ ସାରିଥିବା ଫସଲ କୁ ପଲିଥିନ ଦ୍ୱାରା ଘୋଡେଇ ସୁରକ୍ଷିତ ରଖନ୍ତୁ ।  ଘଡଘଡି ବର୍ଷା ସହ ଅଧିକ ବେଗ ରେ ପବନ ବହିବାର ସମ୍ଭାବନା ଥିବାରୁ କଖାରୁ ଜାତୀୟ ପନିପରିବା, ଟମାଟୋ, କଦଳୀ ଓ ଅମୃତଭଣ୍ଡା ଗଛରେ ଢେରା ଦିଅନ୍ତୁ ।  ଧାନ ଜମିରେ ହୁଡା ବାନ୍ଧି ଅତ୍ୟଧିକ ବର୍ଷା ପାଣି କୁ ସଂରକ୍ଷଣ କରି ରଖନ୍ତୁ ।  ଆଗାମୀ ଦିନରେ ବର୍ଷା ର ସମ୍ଭାବନା ଥିବାରୁ ସାର ପ୍ରୟୋଗ, କୀଟନାଶକ ପ୍ରୟୋଗ ଓ ଜଳ ସେଚନକୁ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ ।  ଫସଲରେ ରୋଗ ଓ ପୋକର ଉପସ୍ଥିତି କୁ ନିୟମିତ ଯାଞ୍ଚ କରନ୍ତୁ ।  ପନିପରିବା ଫସଲ ଓ କଦଳୀ ବଗିଚା ରୁ ଅତ୍ୟଧିକ ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ ।  ଆଗାମୀ ଦିନରେ ବିଜୁଳି ଓ ଘଡଘଡିର ସମ୍ଭାବନା ଥିବାରୁ ବଜ୍ରଧ୍ୱନି ଶୁଣିବା ପରେ , ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯାଆନ୍ତୁ । ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନିଅନ୍ତୁ ନାହିଁ । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ ।  ଆଗକୁ ଦିନ ତାପମାତ୍ରା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଗାଈଗୋରୁ, କୁକୁଡା ଓ ବତକ ଆଦିଙ୍କୁ ପର୍ଯ୍ୟାପ୍ତ ପରିଷ୍କାର ପିଇବା ପାଣି ଦିଅନ୍ତୁ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
|  ଘଡଘଡି ବର୍ଷା ସହ ଅଧିକ ବେଗ ରେ ପବନ ବହିବାର ସମ୍ଭାବନା ଥିବାରୁ କଖାରୁ ଜାତୀୟ ପନିପରିବା, ଟମାଟୋ, କଦଳୀ ଓ ଅମୃତଭଣ୍ଡା ଗଛରେ ଢେରା ଦିଅନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ |  ଲେଡା ପୋକ- ଧାନ ଫସଲରେ ଲେଡା ପୋକର ଲାଗିବା ର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ କରିବା ପାଇଁ ଶୁଖିଲା ପାଗ ଦେଖି ସନ୍ଧ୍ୟା ସମୟରେ ପ୍ରତି ଲିଟର ପାଣିରେ ୧.୫-ମି.ଲି ହିସାବ ରେ Lambda-cyhalothrin କିମ୍ବା ୨ ମିଲି ହିସାବ ରେ (Chlorpyriphos + Cypermethrin) ସିଂଚନ କରନ୍ତୁ । ପୋକ ଗଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ଉପରବେଳା କିମ୍ବା ସନ୍ଧ୍ୟା ସମୟସର ସିଂଚନ କରନ୍ତୁ ।  ପତ୍ରମୋଡା ପୋକ- ମେଘୁଆ ପାଗ ଯୋଗୁଁ ଧାନ ଫସଲ ରେ ପତ୍ରମୋଡା ପୋକ ଲାଗିବା ର ସମ୍ଭାବନା ଅଛି । ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି ଫିପ୍ରୋନୀଲ (Fipronil) ନାମକ କୀଟନାଶକ କିମ୍ବା ୪୦୦-ମିଲି ପ୍ରୋଫେନୋଫସ (Profenophos) ନାମକ କୀଟନାଶକ କିମ୍ବା ୬୦-ମିଲି କ୍ଲୋରାନଟ୍ରାନିପ୍ରୋଲ (Chlorantraniliprole) ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । |
| ବିରି |  ପାଉଁଶିଆ ରୋଗ ବିରି ଏବଂ ମୁଗ ଫସଲ ରେ ପାଉଁଶିଆ ରୋଗ ର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି ୮୦୦ଗ୍ରାମ Sulphur ନାମକ ଫିମ୍ପିନାଶକ କିମ୍ବା ୩୦୦ ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Propiconazole ନାମକ ଫିମ୍ପିନାଶକ କିମ୍ବା ୧୦୦ -ମିଲି Penconazole ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଆଖୁ | □ ସଅଳ କାଣ୍ଡ ବିନ୍ଧା ପୋକ ସଅଳ କାଣ୍ଡ ବିନ୍ଧା ପୋକ ଆକ୍ରମଣ ଅଧିକ ଦେଖା ଦେଲ ଶୁଖିଲା ପାଗ ଦେଖି ଏକର ପ୍ରତି ୬୦୦ ମିଲି Fipronil ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ନାମକ କୀଟନାଶକ କିମ୍ବା ୧୫୦- ମିଲି Chlorantraniliprole ନାମକ କୀଟନାଶକ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | □ କାଣ୍ଡ ଓ ଫଳ ବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା ୮ ଟି ଫେରୋମୋନ୍ ଟ୍ରାପ୍ (ଆକର୍ଷକ ଜନ୍ତା) କିମ୍ବା ୱାଟା ଟ୍ରାପ୍ ଜମିରେ ଲଗାନ୍ତୁ । ରାସାୟନିକ ପଦ୍ଧତିରେ ନିୟନ୍ତ୍ରଣ ପାଇଁ ପ୍ରତି ୧୫ ଲିଟର ପାଣିରେ ସ୍ପିନୋସାଡ ୪୫% ଏସ.ସି ୫.୫ ମିଲିଗ୍ରାମ ନଚେତ ପ୍ରତି ଏକ ଲିଟର ପାଣିରେ ୨ ମିଲିଗ୍ରାମ ଥିଓଡିକାର୍ବ ୭୫% ଡବ୍ଲୁ.ପି କୁ ମିଶ୍ରଣ କରି ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । |
| କଲରା | □ ନିମ୍ନମୁଖୀ ପତ୍ରପାଡା ରୋଗ ବର୍ଷା ପରେ କଖାରୁ ଜାତୀୟ ପନିପରିବା ଫସଲ ଯଥା କଖାରୁ, କାକୁଡି, କଲରା, ଜହ୍ନି, ପୋଟଳ ,ଲାଉ ଇତ୍ୟାଦି ଫସଲରେ ନିମ୍ନମୁଖୀ ପତ୍ରପାଡା ରୋଗର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ପ୍ରତି ଲିଟର ପାଣିରେ ୨ଗ୍ରାମ କାରବେଣ୍ଡାଜିମ ଏବଂ ମଙ୍କୋଜେବ (Carbendazim ଏବଂ Mancozeb) ର ମିଳିତ ଫିମ୍ପିନାଶକ କିମ୍ବା Azoxystrobin+Tebuconazole @ ୦.୬ ଗ୍ରାମ ମିଶାଇ ସିଂଚନ କରନ୍ତୁ । |
| ଲଙ୍କାମରିଚ | □ ଫଳ ସଢା ରୋଗ ଓ ଅଗମରା ରୋଗ ଲଙ୍କାମରିଚ ଫସଲ ରେ ବର୍ତମାନ ସମୟ ରେ ଫଳ ସଢା ରୋଗ ଓ ଅଗମରା ରୋଗ ଲାଗିବାର ସମ୍ଭାବନା ରହିଛି। ଶୁଖିଲା ପାଗ ଦେଖି ଏହାର ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ Propineb ନାମକ ଫିମ୍ପିନାଶକ ୧୦୦ ମିଲି Difenoconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପିନାଶକ କୁ ଫୁଲକଢ ଆସିବା ପୂର୍ବରୁ ଥରେ ଓ ଫଳ ଆସିବା ସମୟରେ ଥରେ ଅନୁମୋଦିତ ମାତ୍ରାରେ ସିଂଚନ କରନ୍ତୁ । |
| ଲଙ୍କା | □ ଫଳ ସଢା ରୋଗ ଓ ଅଗମରା ରୋଗ ଲଙ୍କାମରିଚ ଫସଲ ରେ ବର୍ତମାନ ସମୟ ରେ ଫଳ ସଢା ରୋଗ ଓ ଅଗମରା ରୋଗ ଲାଗିବାର ସମ୍ଭାବନା ରହିଛି। ଶୁଖିଲା ପାଗ ଦେଖି ଏହାର ପରିଚାଳନା ପାଇଁ ଏକର ପ୍ରତି ୫୦୦ ଗ୍ରାମ Propineb ନାମକ ଫିମ୍ପିନାଶକ ୧୦୦ ମିଲି Difenoconazole ନାମକ ଫିମ୍ପିନାଶକ କିମ୍ବା ୨୦୦ ମିଲି Azoxystrobin ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପିନାଶକ କୁ ଫୁଲକଢ ଆସିବା ପୂର୍ବରୁ ଥରେ ଓ ଫଳ ଆସିବା ସମୟରେ ଥରେ ଅନୁମୋଦିତ ମାତ୍ରାରେ ସିଂଚନ କରନ୍ତୁ । |
| ପ୍ରବଳ | □ ପୋଟଳ ଗଛ ବର୍ତମାନ ଫୁଲ ଏବଂ ଫଳ ବହନ କରୁଥିବା ଅବସ୍ଥା ରେ । ବର୍ତମାନ ଘାସ କୁ ବାଛନ୍ତୁ ନାହିଁ । ଘାସ ରହିଲେ ତାହା ମାଟି ର ଆର୍ଦ୍ରତା ବଜାୟ ରଖିଥାଏ ଏବଂ ପୋଟଳ ଲତା କୁ ତାହା (ଘାସ) ଉପରେ ମାଡିବା ପାଇଁ ସାହାର୍ଯ୍ୟ କରିଥାଏ, ଯାହାଦ୍ୱାରା ଫଳ ସିଧାସଳଖ ମାଟି ର ସଂସ୍ପର୍ଶ ରେ ଆସେନାହିଁ, ଯାହାକି ଫଳକୁ ସଢିବା ରୁ ରକ୍ଷା କରିଥାଏ । |
| ଭେଣ୍ଡୀ | □ ଗଣ୍ଡି ଓ ଫଳ ବିନ୍ଧା ପୋକ ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦-ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ଜୈବିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ Bacillus thuringiensis ଜୈବ କୀଟନାଶକ, ୨୦୦-ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। ଏହି ପୋକର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୮୦-ଗ୍ରାମ Emamectin Benzoate ନାମକ କୀଟନାଶକ କିମ୍ବା ୮୦-ମି.ଲି Chlorantraniliprole ନାମକ କୀଟନାଶକ କିମ୍ବା ୩୦୦-ମି.ଲି Pyridalyl ନାମକ କୀଟନାଶକ ୨୦୦-ଲିଟର ପାଣିରେ ମିଶାଇ ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । |
| ଆମ୍ବ | □ ଆମ୍ବ ଡାହାଣୀ ପୋକ ଆମ୍ବ ଡାହାଣୀ ପୋକ ର ନିୟନ୍ତ୍ରଣ ପାଇଁ Imidacloprid ୧୭.୮ % SL @ ୫ ମିଲି କିମ୍ବା Thiamethoxam ୨୫% W.G @ ୩ ଗ୍ରାମ କିମ୍ବା Acetamiprid ୨୦% S.P. @ ୪ ଗ୍ରାମ ୧୫ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । ଆମ୍ବ ଗଛ ମୂଳ ରେ ଧୂଆଁ ଦେଲେ ଆମ୍ବ ଡାହାଣୀ ସଂଖ୍ୟା କମି ଯାଇଥାଏ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ |  ଆଗକୁ ବିଜୁଳି ଓ ଘଡଘଡି ର ସମ୍ଭାବନା ଥିବାରୁ ଗାଈଗୋରୁ ମାନଙ୍କୁ ନଦୀ, ପୋଖରୀ ଓ କୃଷି ଯନ୍ତ୍ରପାତି ଠାରୁ ଦୂରେଇ ରୁହନ୍ତୁ । ଗଛ ତଳେ ଜମାବାନ୍ଧି ଆଶ୍ରୟ ପାଇଁ ଛାଡନ୍ତୁ ନାହିଁ । ଗୋଖାଦ୍ୟ କୁ ବର୍ଷା ପାଣି ରୁ ଦୂରେଇ ରଖନ୍ତୁ । |

**ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):**

| |
|---|
| ନାହିଁ |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**